ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ଭବନ, ସଚିବାଳୟ ମାର୍ଗ , ଖାରବେଳ ନଗର , ୟୁନିଟ୍ -୩, ଭୁବନେଶ୍ୱର

ସଂଖ୍ୟା 30311 / ବି.ଡି.ଏ., ଭୁବନେଶ୍ୱର ତା: 16.12.2019 ରିଖ
ପ୍ଲାନିଂ -୧୨୦/୧୮

## ସାଧାରଣ ବିଜ୍ଞପ୍ତି

### ବିଷୟ: ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ୍ , ୨୦୧୯

ରାଜ୍ୟ ସରକାର ତା:୨୦.୦୬.୨୦୧୮ ରିଖ ରେ ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ୍, ୨୦୧୮ ପ୍ରକାଶିତ କରିଥିଲେ ଏବଂ ପରବର୍ତୀ ସମୟ ରେ ଏହି ସ୍କିମ୍ ର ଅବଧି ଦୁଇ ଥର ବୃଦ୍ଧି କରିଥିଲେ । ଅନଧିକୃତ ନିର୍ମାଣ କୁ ଯୋଜନା ପରିଧି ମଧ୍ୟକୁ ଆଣିବା ପାଇଁ ଏବଂ ଜନସାଧାରଣଙ୍କ ସୁବିଧା କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୮ ସ୍କିମ୍ ରେ ନିର୍ମାଣ ଓ ଯୋଜନା ନିୟମ ଏବଂ ଜୋରିମାନା ରାଶି କୁ କୋହଳ କରି **"ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ୍ , ୨୦୧୯"** ନାମରେ ଏକ ନୂତନ ସ୍କିମ୍ ପ୍ରକାଶିତ କରିଥିଲେ ।

ତା:୦୬.୦୮.୨୦୧୯ ରିଖ ରେ ପ୍ରକାଶିତ ହୋଇଥିବା ଏହି ନୂତନ ସ୍କିମ୍ ର ଅବଧି ୬ ମାସ ଅଟେ ଏବଂ ଏହା ମଧ୍ୟରେ ୪ ମାସ ଅତିବାହିତ ହୋଇସାରିଛି । **ଏହି ସ୍କିମ୍ ଅନ୍ତର୍ଗତ ଆବେଦନ ପତ୍ର ସ୍ୱୀକାର କରିବାର ଅନ୍ତିମ ତାରିଖ ୦୫.୦୨.୨୦୨୦ ଅଟେ ।**

୨୦୧୯ ସ୍କିମ୍ ପ୍ରକାଶନ ର ପରବର୍ତୀ ସମୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ବିଜ୍ଞପ୍ତି ସଂଖ୍ୟା ୨୦୫୧୨/BDA ତା: ୩୧.୦୮.୨୦୧୯ ରିଖ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରା ଯାଇଥିଲା । ଏହି ସ୍କିମ୍ ସମ୍ବନ୍ଧରେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସମୟ ସମୟ ରେ ଖବରକାଗଜ ମାଧ୍ୟମରେ ମଧ୍ୟ ଗୃହ ଏବଂ ନଗର ଉନ୍ନୟନ ବିଭାଗ ତଥା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବିଜ୍ଞାପନ ପ୍ରକାଶ କରିଥିଲେ ।

ଅନଧିକୃତ ନିର୍ମାଣ କରିଥିବା ବ୍ୟକ୍ତି ଏବଂ ସଂସ୍ଥା ମାନଙ୍କୁ ଜଣାଇଦିଆଯାଉଅଛି ଯେ, ସ୍କିମ୍ ଅବଧି ସରିବା ପୂର୍ବରୁ ଅନଧିକୃତ ନିର୍ମାଣ ଗୁଡିକର ନିୟମିତିକରଣ କରିବାପାଇଁ ଆବେଦନ କରନ୍ତୁ । ସ୍କିମ୍ ର ଅବଧି ସରିବା ପରେ ଅନଧିକୃତ ନିର୍ମାଣ ର ନିୟମିତିକରଣ ପାଇଁ ଏହି ସ୍କିମ୍ ର କୋହଳ ନିୟମ ଏବଂ ସ୍ୱଳ୍ପ ଜୋରିମାନା ସୁବିଧା ମିଳିବ ନାହିଁ ଏବଂ ତତ୍ପଶ୍ଚାତ୍ କର୍ତ୍ତୃପକ୍ଷ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

**ଏହି ସ୍କିମ୍ ସମ୍ବନ୍ଧ ରେ ସବିଶେଷ ବିବରଣୀ, ଆବେଦନ ପତ୍ର ଏବଂ ଦେୟ ଇତ୍ୟାଦି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ୱେବ୍-ସାଇଟ୍ www.bda.gov.in ରେ ଉପଲବ୍ଧ ଅଟେ ।**

ସଚିବ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ